**ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍**

ଉଦଳା (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସିର ୧୨ନଂ ୱାର୍ଡରେ ରବିବାର ମର୍ନିଂୱାକ ସମୟରେ ସୁଷମା ବେହେରା ନାମ୍ନୀ ଜଣେ ମହିଳାଙ୍କ ବେକରୁ ଲୁଟେରାମାନେ ସୁନାଚେନ ଝାମ୍ପିନେଇଛନ୍ତି। ସେ ଏନେଇ ଉଦଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଥିବା ବେଳେ ରାସ୍ତାରେ ଲାଗିଥିବା ବିଭିନ୍ନ ସିସିଟିଭି ଯାଞ୍ଚ କରିଛି।



# ସହରରେ ଖେଳପଡ଼ିଆ ଅଭାବ

**ବାଲେଶ୍ୱର ଅଫିସ,୩୧।୧୦**

ବାଲେଶ୍ୱର ସହରରେ ଖେଳ ପଡ଼ିଆର ଅଭାବ ଯୋଗୁ ସହର ଉପକଣ୍ଠ ଗ୍ରାମାଞ୍ଚଳ ପଡ଼ିଆରେ ଅଭ୍ୟାସରତ ଖେଳାଳି ଏବଂ ସେମାନଙ୍କ ସହିତ ପ୍ରଶିକ୍ଷକମାନଙ୍କୁ ଦେଖିବାକୁ ମିଳୁଛି। ସଦର ବ୍ଲକ ଶାସଙ୍ଗ ପଞ୍ଚାୟତରେ ଥିବା କଣ୍ଟାବଣିଆ ପଡ଼ିଆରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ପିଲା (ଝିଅ ଓ ପୁଅ) ଏକତ୍ରିତ ହୋଇ କ୍ରିକେଟ୍ ଖେଳୁଥିବା ଦେଖିବାକୁ ମିଳୁଛି। ସହରର ମୁଖ୍ୟ ଖେଳପଡ଼ିଆ ଭାବେ ପରମିଟ୍ ପଡ଼ିଆକୁ ଜିଲା କ୍ରୀଡ଼ା ସଂଘ ବ୍ୟବହାର କରୁଥିବା ବେଳେ ପୋଲିସ ଲାଇନ୍ ପଡ଼ିଆ ଜିଲା ପୋଲିସ ତତ୍ତ୍ୱାବଧାନରେ ରହିଛି। ଜିଲା ସ୍କୁଲ ସମ୍ମୁଖରେ ଥିବା ପୁରୁଣା ଷ୍ଟାଡ଼ିୟମ୍ ଅବହେଳିତ ହୋଇ ପଡ଼ିଥିବାରୁ ତାହା ଖେଳିବା ପାଇଁ ଉପଯୋଗୀ ହୋଇପାରୁନାହିଁ। ସେହିପରି ଆଇଟିଆଇ ପଡ଼ିଆରେ ବିଭିନ୍ନ ମେଳା, ମହୋତ୍ସବ ସାଙ୍ଗକୁ ରାଜନୈତିକ ସଭା ଆଦି କାର୍ଯ୍ୟକ୍ରମ ହେଉଥିବା ବେଳେ ମିଶନ୍ ପଡ଼ିଆଟି ଜିଲା କ୍ରୀଡ଼ା ବିଭାଗ ଅଧୀନରେ ରହିଛି। ଏପରିକି ଉକ୍ତ ପଡ଼ିଆରେ ଶତାଧିକ ଖେଳାଳି ଅଭ୍ୟାସ କରିଥାନ୍ତି। ସହର ନିକଟସ୍ଥ ଚାନ୍ଦମାରିପଡ଼ିଆ, ଶୋଭାରାମପୁର ପଡ଼ିଆର ରକ୍ଷଣାବେକ୍ଷଣ ଅଭାବ ଏବଂ ସ୍ଥାନୀୟ ପିଲାମାନଙ୍କ ଖେଳକୁଦ ଯୋଗୁ ବହୁ ଖେଳାଳି ଅଭ୍ୟାସ କରିବାରୁ ବଞ୍ଚିତ ହେଉଛନ୍ତି।


କଣ୍ଟାବଣିଆ ପଡ଼ିଆରେ ଅଭ୍ୟାସରତ ଖେଳାଳି।

**ଗାଁ ଅଭିମୁଖେ ଅଭ୍ୟାସରତ ଖେଳାଳି**

ବାଲେଶ୍ୱର କ୍ରିକେଟ ଆସୋସିଏସନ୍‌ରେ ନାମ ଲେଖାଇଥିବା ପିଲାମାନେ ସେମାନଙ୍କ ପ୍ରଶିକ୍ଷକ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ ସହରଠାରୁ ପ୍ରାୟ ୧୫କି.ମି. ଦୂର କଣ୍ଟାବଣିଆ ପଡ଼ିଆରେ ଅଭ୍ୟାସ କରୁଛନ୍ତି। ସହରରେ ଥିବା ପଡ଼ିଆଗୁଡ଼ିକରେ ଏକାଧିକ ପ୍ରଶିକ୍ଷଣ ସଂସ୍ଥାର ଅଧିକ ପିଲା ଅଭ୍ୟାସ କରୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବାରୁ ଗ୍ରାମାଞ୍ଚଳ ପଡ଼ିଆ ଉତ୍ତମ ବୋଲି ପ୍ରଶିକ୍ଷକ ଦାସ କହିଛନ୍ତି।

## ବିଶ୍ୱ ମିତବ୍ୟୟିତା ଦିବସ

**ବାରିପଦା ଅଫିସ,୩୧।୧୦**

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି ଓ ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ହେମନ୍ତ ଚନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ସଞ୍ଚୟ ରଥକୁ ଉଦ୍‌ଘାଟନ କରିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଅଭୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସ୍ୱଳ୍ପ ସଞ୍ଚୟ ସଚେତନତା କାର୍ଯ୍ୟକ୍ରମରେ ସ୍ୱଳ୍ପ ସଞ୍ଚୟ ବିଭାଗ କର୍ମଚାରୀ ଏବଂ ଜିଲାର ବିଭିନ୍ନ ଅଞ୍ଚଳର ସ୍ୱଳ୍ପ ସଞ୍ଚୟ ପ୍ରତିନିଧି ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ୧୪ ପର୍ଯ୍ୟନ୍ତ ସ୍ୱଳ୍ପ ସଞ୍ଚୟ ପକ୍ଷ ପାଳନ ଅବସରରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିବ।

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ



ଆରଡ଼ି, ୩୧।୧୦ (ଡି.ଏନ.ଏ.)-ଭଦ୍ରକ ଜିଲା ଆରଡ଼ି ଷ୍ଟେଟବ୍ୟାଙ୍କ ପରିସରରେ ଥିବା ଏଟିଏମ୍‌କୁ ଭାଙ୍ଗି ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ କରିଛନ୍ତି। ସୂଚନା ଅନୁସାରେ, ଦୁର୍ବୃତ୍ତମାନେ ବ୍ୟାଙ୍କ ସମ୍ମୁଖରେ ଥିବା ୨ଟି ସିସିକ୍ୟାମେରା ସହ ଆଲାର୍ମକୁ ଭାଙ୍ଗି ଦେଇଛନ୍ତି। ଏକ ଗ୍ୟାସ୍ କଟର ମେଶିନ, ଏକ ଗ୍ୟାସ୍ ସିଲିଣ୍ଡର, ଲାଇଟର, ସେପ୍ଟି ମାଚିସ ଆଦି ଛାଡ଼ି ଚାଲି ଯାଇଛନ୍ତି। ଖବର ପାଇ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ଅୟସକାନ୍ତ ମାଝି ପହଞ୍ଚି ଲୁଟ୍ ହୋଇ ନ ଥିବା କହିଥିଲେ। ଆରଡ଼ି ଫାଣ୍ଡି ପୋଲିସ ଦୁର୍ବୃତ୍ତ ଛାଡ଼ିଥିବା ସମସ୍ତ ସାମଗ୍ରୀ ଜବତ କରିଛି। ସିଲିଣ୍ଡରରୁ ଗ୍ୟାସ୍ ସରିଯାଇଥିବାରୁ ଦୁର୍ବୃତ୍ତମାନେ ଟଙ୍କା ନେବାରେ ସକ୍ଷମ ହୋଇ ନ ଥିବା ବ୍ରାଞ୍ଚ ମ୍ୟାନେଜର କହିଛନ୍ତି। ତେବେ ଫାଣ୍ଡିଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଏହି ବ୍ୟାଙ୍କ ପରିସରରୁ ଲୁଟ୍ ଉଦ୍ୟମ ଚର୍ଚ୍ଚାର ବିଷୟ ହୋଇଛି।

### ଶିକାର ଅଭିଯୋଗ: ୨ ଗିରଫ

ତେଲକୋଇ, ୩୧।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଢିଙ୍କେଶରୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଦୀର୍ଘଦିନରୁ ୧୧କେଭି ଲାଇନରୁ ତାର ସଂଯୋଗ କରି ବିରଳ ବନ୍ୟପ୍ରାଣୀଙ୍କୁ ମାରି ବିକ୍ରି କରୁଥିବା ଅଭିଯୋଗରେ ବନବିଭାଗ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯଦୁମଣି କିଷାନ, ଲିଙ୍ଗରାଜ କିଷାନ। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୮୪/୨୦୨୧) ରୁଜୁ ହୋଇଛି।

### ବନ୍ତରେ ନୂତନ ବିଡିଓ

ବନ୍ତ,୩୧।୧୦(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକରେ ନୂତନ ବିଡିଓ ନିଯୁକ୍ତ ହୋଇଥିବା ବେଳେ ପୂର୍ବତନ ବିଡିଓ ତହସିଲଦାର ଭାବେ ନିଯୁକ୍ତ ହୋଇଥିବା ଜଣାଯାଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଠି ନଂ-୩୨୬୧୦/ଆର୍. ଆଣ୍ଡ ଡି.ଏମ୍/ତା-୩୦।୧୦।୨୦୨୧ ରିଖ ବିଜ୍ଞପ୍ତି ଅନୁଯାୟୀ ବନ୍ତରେ କାର୍ଯ୍ୟରତ ତହସିଲଦାର ଇନ୍ଦିରା ସାହୁଙ୍କୁ କଟକ ଜିଲା କିଶନନଗରର ତହସିଲଦାର ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଚିଠି ନଂ-୧୮୫୯୭/ପି.ଆର୍. ଆଣ୍ଡ ଡି.ଡବ୍ଲ୍ୟୁ/ତା-୩୦।୧୦।୨୦୨୧ ରିଖ ବିଜ୍ଞପ୍ତି ଅନୁଯାୟୀ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶୁଭଦର୍ଶନ ମିଶ୍ରଙ୍କୁ ବନ୍ତ ବିଡିଓ ଭାବେ ନିଯୁକ୍ତ କରାଯାଇଥିବା ବେଳେ ବନ୍ତ ବିଡିଓ ଅଙ୍କିତା ବାରିକଙ୍କୁ ତହସିଲଦାର ଭାବେ ନିଯୁକ୍ତ କରାଯାଇଥିବା ସୂଚନା ମିଳିଛି।

### ଛାତ୍ରୀଛାତ୍ରଙ୍କ ଲାଗି ଡିଏମ୍ଏଫ୍ ସଙ୍କଳ୍ପ

କେନ୍ଦୁଝର, ୩୧।୧୦( ସ୍ୱ.ପ୍ର.): କେନ୍ଦୁଝର ଜିଲା ପ୍ରଶାସନ ବ୍ଲକ ସ୍ତରରେ ଅଧ୍ୟୟନ ଓ କ୍ୟାରିୟର କାଉନସେଲିଂ ପାଇଁ ଏକ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରିବାକୁ ଯାଉଛନ୍ତି। ଜିଲାର ୧୩ଟି ବ୍ଲକରେ ଡିଏମ୍ଏଫ୍ ଅର୍ଥରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରିବାପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି ଟ୍ୱିଟ ଜରିଆରେ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାକୁ ଡିଏମଏଫ- ସଙ୍କଳ୍ପ ବୋଲି ନାମକରଣ କରାଯାଇଛି। ପ୍ରତ୍ୟେକ ବ୍ଲକରେ ଏକ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଏହି କ୍ୟାମ୍ପସ ମଧ୍ୟରେ ୨୦୦ ସିଟ ବିଶିଷ୍ଟ ଲାଇବ୍ରେରୀ, ପଠନ କକ୍ଷ, ବିଜ୍ଞାନ ପ୍ରଦର୍ଶନ, ଅଡିଓ-ଭିଡିଓ ରୁମ୍, କନଫରେନ୍ସ ହଲ ସମେତ ବିଭିନ୍ନ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ଗ୍ରାମାଞ୍ଚଳର ମେଧାବୀ ଓ ଉଚ୍ଚାଭିଳାଷୀ ସ୍କୁଲ ଓ କଲେଜର ଅଧ୍ୟୟନରତ ଛାତ୍ରୀଛାତ୍ର ତଥା ଅନ୍ୟମାନେ ଉପକୃତ ହୋଇ ପାରିବେ।

### ଜଳିଗଲା କାଜୁ ବଗିଚା

ପାଟଣା,୩୧।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଖଜୁରୀପଶି ଗ୍ରାମରେ ବିଦ୍ୟୁତ ଶର୍ଟସର୍କିଟ ଯୋଗୁ ରବିବାର ୩୦ଏକର ପରିମିତ କାଜୁ ବଗିଚାରେ ଅଗ୍ନିକାଣ୍ଡ ଘଟିଛି। ଏକ ଏକର ପରିମିତ ବଗିଚାର ଗଛ ପୋଡି ନଷ୍ଟ ହୋଇ ଯାଇଛି। ପାଟଣା ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କାଜୁ ବଗିଚା ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ଖୁଣ୍ଟର ଇନ୍ସୁଲେଟର ଫାଟି ଝୁଲି ପଡିବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା।

## ଝୋଟକଳ ଶ୍ରମିକସଂଘର ବାର୍ଷିକ ସମ୍ମିଳନୀ

**ରୂପସା,୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ଝୋଟକଳ ଶ୍ରମିକସଂଘର ୨୭ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଇନଜୀବୀ ଶାନ୍ତନୁ କୁମାର ଦାସ ଏହି ଏଥିରେ ଅଧ୍ୟକ୍ଷତା କରି ଶ୍ରମିକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ କାରଖାନାର ସର୍ବାଙ୍ଗୀନ ଉନ୍ନତି ହେବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ଜେନେରାଲ ମ୍ୟାନେଜର ହୃଷିକେଶ ରାଉତ, ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ସରପଞ୍ଚ ସଞ୍ଜୟ କୁମାର ସେଠୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ଶ୍ରମିକ ନେତା ହୃଷିକେଶ ମହାରଣା ଓ ଗୌରାଙ୍ଗ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା। ଉପଦେଷ୍ଟା ଭାବେ ଦେବବ୍ରତ ବିଶ୍ୱାଳ, ଉପସଭାପତି ରଜନୀକାନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଦୀପକ କୁମାର ପଣ୍ଡା, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ଅଫିସ କର୍ମକର୍ତ୍ତା ପ୍ରମୋଦ କୁମାର ପଣ୍ଡା, ସଂଗଠନ ସମ୍ପାଦକ ଭାବେ ଶଶିକାନ୍ତ ବାରିକ, ରାଜେନ୍ଦ୍ର ଦାସ, ସନାତନ ପ୍ରଧାନ ଓ ପଞ୍ଚାନନ ବିଶ୍ୱାଳ, ସହ ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ରଘୁନାଥ ସାହୁ ଓ ନିରଞ୍ଜନ ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଅଫିସ କର୍ମକର୍ତ୍ତା ପ୍ରମୋଦ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସାଧାରଣ ସମ୍ପାଦକ ଦୀପକ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

## ବନ୍ଧୁକ ଦେଖାଇ ଟଙ୍କା ସହ ଅଳଙ୍କାର ଲୁଟ୍

**ପଦ୍ମପୁର,୩୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ଉମାକାନ୍ତ ପାଣିଗ୍ରାହୀଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ଘରେ ଥିବା ସମସ୍ତ ସୁନା ଅଳଙ୍କାର ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ରବିବାର ସକାଳେ ଉମାକାନ୍ତଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନା ପୋଲିସ ମାମଲା (ନଂ.୩୨୯/୨୧) ରୁଜୁ କରିବା ସହ ୨ଜଣଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ୭ରୁ ୮ଜଣ ଦୁର୍ବୃତ୍ତ ଉମାକାନ୍ତଙ୍କ ଘରର ମୁଖ୍ୟ ଗ୍ରୀଲ୍ ଖୋଲି କବାଟ ଭାଙ୍ଗି ପଶିଥିଲେ। ବ୍ୟାଙ୍କ ମିତ୍ର ଭାବେ ବେତଡ଼ା କାନାରା ବ୍ୟାଙ୍କରେ କାର୍ଯ୍ୟରତ ଉମାକାନ୍ତଙ୍କ ସ୍ତ୍ରୀ ଆରତି ପୁଅର ଆଡ୍‌ମିଶନ ପାଇଁ ଶନିବାର ଆଣିଥିବା ଲକ୍ଷେ ୨୦ ହଜାରକୁ ମିଶାଇ ପାଖରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିଲା। ଘରେ ଏକୁଟିଆ ଥିବା ଏହି ଦମ୍ପତିଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଟଙ୍କା ଓ ସୁନାଗହଣା ଲୁଟି ନେଇ ଦୁର୍ବୃତ୍ତମାନେ ସେମାନଙ୍କୁ ବାହାରୁ ବନ୍ଦ କରି ପଳାଇଥିଲେ। ପରେ ସେମାନଙ୍କ ପାଟି ଶୁଣି ପଡ଼ୋଶୀମାନେ ଆସି ଉଦ୍ଧାର କରିଥିଲେ। ଦୁର୍ବୃତ୍ତମାନଙ୍କ ମାଡ଼ ଓ ମାରଣାସ୍ତ୍ରକୁ ଧରି ଧସ୍ତାଧସ୍ତି ହେଉଥିବା ସମୟରେ ଉମାକାନ୍ତଙ୍କ ହାତରେ ଆଘାତ ଲାଗିଛି।

## ବ୍ୟାଟେରି ଚୋରି, ଜଣେ ଗିରଫ

**ଭଣ୍ଡାରିପୋଖରୀ, ୩୧।୧୦ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ନେଉଳିଆ ନିକଟରେ ଶନିବାର ରାତିରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଗାଡ଼ିରୁ ବ୍ୟାଟେରି ଚୋରି ଅଭିଯୋଗରେ ସ୍ଥାନୀୟ ଲୋକେ ଜଣେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ମଞ୍ଜୁରୀରୋଡ଼ ନିକଟ ବାବଲପୁର ଗ୍ରାମର ରଣଜିତ କରଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୩୪୦/୨୧) ରୁଜୁ ହୋଇଛି। ଅଭିଯୁକ୍ତ ଧାମନଗର ଥାନା ଅଧୀନ ହବିବନଗର ଗ୍ରାମର ରିଆଜ ଖାଁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ୨ଟି ବ୍ୟାଟେରି ଜବତ ହୋଇଛି।

## ପୃଥକ୍ ସ୍ଥାନରୁ ବାଣ ଜବତ, ୨ ଗିରଫ


ଜବତ ହୋଇଥିବା ବାଣ।

**ଭଦ୍ରକ ଅଫିସ, ୩୧।୧୦**

କୋଭିଡ୍ କଟକଣା ପାଇଁ ରାଜ୍ୟ ସରକାର ବାଣ ବିକ୍ରି ଉପରେ ରୋକ୍ ଲଗାଇଥିବା ବେଳେ ଭଦ୍ରକ ସହରରେ ଚୋରାରେ ବାଣ ବିକ୍ରି ହେଉଥିଲା। ଏକ ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ଟାଉନ ପୋଲିସ ସ୍ଥାନୀୟ ବଙ୍କ ସ୍କୁଲ ନିକଟ ଏକ ବାଣ ଗୋଦାମରେ ଶନିବାର ରାତିରେ ଚଢ଼ାଉ କରିଛି। ପୋଲିସ ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି କିଭଳି ଓ କେଉଁ ନିୟମ ବଳରେ ବେଆଇନ ଭାବେ ବାଣ ବିକ୍ରି କରାଯାଉଥିଲା ତାହାର ତଦନ୍ତ ଆରମ୍ଭ କରିଛି। ସେହିପରି ପୁରୁଣାବଜାର ଥାନା ପୋଲିସ ବେନ୍ତାଳ ଗାଁରୁ ବହୁ ପରିମାଣର ବାଣ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗାଁର ରଞ୍ଜନ ରାଉତ ଓ ହରିଶ୍ଚନ୍ଦ୍ର ରାଉତ। ସେମାନଙ୍କ ନିକଟରୁ ଏକ କାର୍ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୩୬୦/୨୧) ରୁଜୁ ହୋଇଛି।

## ଫୁଟବଲ୍ ଟୁର୍ନାମେଣ୍ଟ: ଗୁଆଲି ଚାମ୍ପିୟନ

**ଚମ୍ପୁଆ, ୩୧।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ଚାଲିଥିବା ୩ ଦିନିଆ ଚନ୍ଦ୍ରଶେଖର କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମର୍ନିଂ କ୍ଲବ ଦ୍ୱାରା ଆୟୋଜିତ ଏହ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଚମ୍ପୁଆ ବିଧାୟିକା ମିନାକ୍ଷି ମହାନ୍ତ ଏବଂ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଭେଟରାନ ଖେଳାଳି ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ଖେଳରେ ଦିପୁନ ଏକାଦଶ ଗୁଆଲି ବିଡିଏସ କଣ୍ଡରାକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୮୦ ହଜାର ନଗଦ ରାଶି ଓ ଟ୍ରଫି, ରନର୍ସଅପ୍ ଦଳକୁ ୫୦ ହଜାର ସହ ଟ୍ରଫି, ତୃତୀୟ ଦଳକୁ ୨୫ ହଜାର ଏବଂ ଚତୁର୍ଥ ଦଳକୁ ୨୦ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜିତ କରାଯାଇଥିଲା।

## ପାଣି ମିଶା ପେଟ୍ରୋଲକୁ ନେଇ ଉତ୍ତେଜନା

**ଆନନ୍ଦପୁର,୩୧। ୧୦(ସ୍ୱ.ପ୍ର.)**

ଦିନକୁ ଦିନ ବର୍ଦ୍ଧିତ ତୈଳ ଦରକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଅପମିଶ୍ରିତ ପେଟ୍ରୋଲକୁ ନେଇ ରବିବାର ଆନନ୍ଦପୁର ପୌରପରିଷଦ ଘସିପୁରା ଠାରେ ଉତ୍ତେଜନା ପ୍ରକାଶ ପାଇଛି। ଘସିପୁରା ଠାରେ ଥିବା ଅରବିନ୍ଦ ଫିଲିଂ ଷ୍ଟେଶନର ପାଣି ମିଶା ପେଟ୍ରୋଲକୁ ନେଇ ଉତ୍ତେଜନା ହୋଇଥିଲା। କଣ୍ଟିପାଳ ବିରିଡିହାର ଅଜୟ ସେଠିଙ୍କ କହିବା ଅନୁଯାୟୀ, ୧୨୦ ଟଙ୍କାର ତେଲ ପକାଇଥିଲେ। ରାସ୍ତାରେ ଷ୍ଟାର୍ଟ ବନ୍ଦ ହେଇଯିବାରୁ ସୋରୁମ୍‌ରୁ ଗାଡିକୁ ଦେଖାଇବା ପରେ ପେଟ୍ରୋଲରେ ପାଣି ମିଶିଥିବା ଜାଣିବାକୁ ପାଇଥିଲେ। ଏହିଭଳି ସମ୍ପୃକ୍ତ ଟାଙ୍କିରେ ପେଟ୍ରୋଲ ଭରିଥିବା ୨୦ରୁ ଅଧିକ ଲୋକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏସମ୍ପର୍କରେ ଅରବିନ୍ଦ ଫିଲିଂ ଷ୍ଟେସନର ମାଲିକ ଅଜୟ ମିଶ୍ରଙ୍କୁ ପଚାରିବାରୁ ଟାଙ୍କିରେ ଆମେ ପାଣି ପୁରାଇନୁ, ପାଣି କେମିତି ଚାମ୍ବରରେ ଲିକ୍ କରି ପଶିଥାଇପାରେ ଯେଉଁମାନେ ତେଲ ପକାଇ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କୁ କ୍ଷତିପୂରଣ ଦେବାକୁ କହିଛନ୍ତି। ଏହାପରେ ଉତ୍ତେଜନା ହ୍ରାସ ପାଇଥିଲା। ତେବେ ଅଞ୍ଚଳରେ ରହିଥିବା ଟାଙ୍କି ଗୁଡିକର ସୃଷ୍ଟି ହେଉଥିବା ସମସ୍ୟା ଦିଗରେ ବିଧିବଦ୍ଧ ଯାଞ୍ଚ ହୋଇପାରିଲେ ଅପମିଶ୍ରଣ ସମ୍ପର୍କିତ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି।



ଜଣେ ବ୍ୟକ୍ତି ଅପମିଶ୍ରିତ ପେଟ୍ରୋଲ ବୋତଲ ଦେଖାଉଛନ୍ତି।

## ଆରମ୍ଭ ହେଲା ଭଲିବଲ ଟୁର୍ନାମେଣ୍ଟ

**ବାଲେଶ୍ୱର ଅଫିସ,୩୧।୧୦**

ବାଲେଶ୍ୱର ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ଭଲିଭଲ ଟୁର୍ନାମେଣ୍ଟ ସ୍ଥାନୀୟ ମିଶନ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି। ଜିଲାର ୧୪ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଆଥଲେଟିକ ଆସୋସିଏଶନର ଉପସଭାପତି ବିରେନ୍ଦ୍ର ସ୍ୱାଇଁ ଓ ସୁକାନ୍ତ ନାୟକ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରୁ ବାଲେଶ୍ୱର ଜିଲା ଭଲିଭଲ ଟିମ୍ ଚୟନ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ଓ ଫୁଲବାଣୀ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ ବାଲେଶ୍ୱର ଟିମ୍‌ରେ ଚୟନ ହୋଇଥିବା ଖେଳାଳିମାନେ ପ୍ରତିନିଧିତ୍ୱ କରିବେ ବୋଲି କୁହାଯାଇଛି। ଆସୋସିଏଶନର ଯୁଗ୍ମ ସମ୍ପାଦକ ଜଗଦିଶ ବେହେରା, ସଞ୍ଜୟ ଲେଙ୍କା, କାର୍ତ୍ତିକ ନାୟକ, ନିମାଇଁ ଚରଣ ରାଉତରାୟ, ସୁଜୟ ଆଚାର୍ଯ୍ୟ, ପ୍ରଦୀପ ଦାସ, ଶେଖ ସାଦିକ ଅଲ୍ଲୀ, ଗୋପାଳ ସେଠୀ, ଜନ୍ମଜୟ ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳିଗଲା ୧୦ ବଖରା

**ବାହାନଗା,୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକର ଅଭଣା ଗ୍ରାମର ସତ୍ୟ ନାରାୟଣ ସାହୁଙ୍କ ଘରେ ରବିବାର ପୂର୍ବାହ୍ଣରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ୧୦ ବଖରା ସମେତ ଏକ ଗୁହାଳ ଘର ପୋଡ଼ି ଯାଇଛି। ଖବରପାଇ ଷଠୀ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାପତ୍ର, ଚାଉଳ, ଲୁଗାପଟା ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ସୋର ବିଧାୟକ ପର୍ଶୁରାମ ଧଡ଼ା ଘଟଣାସ୍ଥଳରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ।

## ଅଟେଇ ଜଙ୍ଗଲରେ ଚାଲିଛି ବେଆଇନ ପଥର ଖୋଳା

**କେନ୍ଦୁଝର, ୩୧।୧୦( ସ୍ୱ.ପ୍ର.):**

ଘଟଗାଁ ରେଞ୍ଜ ଅନ୍ତର୍ଗତ ଅଟେଇ ଜଙ୍ଗଲରେ ବେଧଡକ ଭାବେ ପଥର ଖନନ ଚାଲିଛି। ଜଙ୍ଗଲ ଓ ପରିବେଶ ନଷ୍ଟ କରି ଏହି ଖନନ ଚାଲିଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଗାଁ ଅଞ୍ଚଳର ଜଣେ ବ୍ୟକ୍ତି ଏହି ବେଆଇନ କାମ କରୁଥିନା ଡିଏଫଓ ଡି.ଡି.ହନୁମତ ଏକ ଭିଡିଓ ଜାରି କରି ସୂଚନା ଦେଇଛନ୍ତି। ଦୁଃଖବାହାଳି, ଉପରମୁଣ୍ଡ, କୁପୁରଡିହା ଆଦି ଗ୍ରାମାଞ୍ଚଳରେ ଏହି ବେଆଇନ କାମ ଚାଲିଥିବା ସୂଚନା ଦେବା ପରେ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଘଟଗାଁ ଓ ସଦର ରେଞ୍ଜ ସୀମାନ୍ତ ଗୋପାଳପୁର ସମେତ ଅନ୍ୟାନ୍ୟ ଅଞ୍ଚଳରେ ବେଆଇନ ପଥର ଖନନ ଯୋଗୁ ଜଙ୍ଗଲ ମଧ୍ୟରେ ବଡ ବଡ ଖାଲଖମା ସୃଷ୍ଟି ହୋଇଛି । ଫଳରେ ବହୁ ପରିମାଣରେ ପରିବେଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରିଛି। ରାସ୍ତାକାମ ପାଇଁ କିମ୍ବା କେତେକ ବିନା ପଥର ଖଣିରେ କ୍ରସର ଚଲାଇଥିବା ବ୍ୟବସାୟୀ ମାନେ ଏହି କାରବାର କରୁଥିବାରୁ ଏହାର ଯାଞ୍ଚ କରିବାକୁ ଦାବି ହେଉଛି।

## ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ

**ବାରିପଦା ଅଫିସ,୩୧।୧୦**

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ମୟୂରଭଞ୍ଜ ଜିଲାର ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସଂଗ୍ରାମ ଆରମ୍ଭ ହୋଇଛି। ଝାଡ଼ଖଣ୍ଡ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଏବଂ ଓଡ଼ିଆ ପ୍ରତି ଅସମ୍ମାନକୁ ପ୍ରତିବାଦ ଜଣାଇ ମୟୂରଭଞ୍ଜ ଜିଲାରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଛି। ରବିବାର ସକାଳୁ ଅନୁଷ୍ଠାନ ପକ୍ଷରୁ ଭାଷାଭିତ୍ତିକ ସଂଗ୍ରାମ ପାଇଁ ସଙ୍କଳ୍ପବଦ୍ଧ ହୋଇ ବାରିପଦା ସ୍ଥିତ ମା' ଅମ୍ବିକା ମନ୍ଦିର ନିକଟରୁ ଓଡ଼ିଆ ଭାଷା ପ୍ରେମୀ, ସାହିତ୍ୟିକ, ବୁଦ୍ଧିଜୀବୀମାନଙ୍କର ଏକ ବିଶାଳ ରାଲି ବାହାରି ସହର ପରିକ୍ରମା କରିଥିଲା। ଓଡ଼ିଶାରୁ ଅଲଗା ହୋଇ ବିଚ୍ଛିନ୍ନାଞ୍ଚଳ ଭାବେ ରହୁଥିବା ଓଡ଼ିଆ ଭାଷାଭାଷୀ ଷଢେଇକଳା, ଖରସୁଆଁ, ପୂର୍ବସିଂହଭୂମ ଓ ପଶ୍ଚିମ ସିଂହଭୂମ ଅଧିବାସୀଙ୍କ ପାଇଁ ଓଡ଼ିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନର ଆବଶ୍ୟକତା ରହିଛି। ଓଡ଼ିଆ ଭାଷା ଉଚ୍ଛେଦ ଓ ଅବହେଳା ପ୍ରସଙ୍ଗକୁ ନେଇ ଲାଗି ରହିଥିବା ଧାରଣା, ଅନଶନ ଓ ସମାବେଶ ପାଇଁ ସଂଲଗ୍ନ ମୟୂରଭଞ୍ଜ ଜିଲାବାସୀଙ୍କ ମନରେ କ୍ଷୋଭ ଦେଖାଦେଇଛି। ଝାଡ଼ଖଣ୍ଡ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆଲୋଚନା ମାଧ୍ୟମରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ସହ ଛାତ୍ରୀଛାତ୍ରଙ୍କ ଓଡ଼ିଆ ପଢ଼ିବା ନିମନ୍ତେ ପାଠ୍ୟକ୍ରମର ସୁବନ୍ଦୋବସ୍ତ ଲାଗି ଦାବି କରାଯାଇଛି।

ଏହି ଆନ୍ଦୋଳନରେ ଓଡ଼ିଆ ଜାଗରଣ ମଞ୍ଚ, ମୟୂରଭଞ୍ଜ ସାହିତ୍ୟ ପରିଷଦ, ପ୍ରତିଶ୍ରୁତି ପ୍ରତିଷ୍ଠାନ, ନନ୍ଦିଘୋଷ ସାହିତ୍ୟ ସମାଜ, ଉପାନ୍ତ ସାହିତ୍ୟ ସଂସଦ, ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ, ସମ୍ବାଦ ସାହିତ୍ୟ ସଂସଦ, ବାଣୀପୀଠ ବଡସାହି, ବନସାଥି ଉଦଳା, ବଳାଙ୍ଗୀ ସେନା ଆଦି ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ସାମିଲ ହୋଇ ଦାବି ଉପସ୍ଥାପନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଏହାକୁ ଗଣ ଆନ୍ଦୋଳନର ରୂପ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଶରତ ଚନ୍ଦ୍ର ନାୟକ, ଇଂ. ମନୋଜ ଦଳବେହେରା, ପଦ୍ମନାଭ ସାହୁ, ଡ.ବିଜୟ ଅଗ୍ରୱାଲ, ଭାଗବତ ପଣ୍ଡା, ଡ. ଦୀନକୃଷ୍ଣ ଭଞ୍ଜ, ଜ୍ୟୋତିନ୍ଦ୍ର ନାଥ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।



ବିଭିନ୍ନ ସଙ୍ଗଠନ ପକ୍ଷରୁ ବାହାରିଥିବା ରାଲି।

